# ଶ୍ରୀ ସୀସୁ ବେଦ

ଯେ୍ୱକ ନୋହଇ ଦୁଇ ଅଲଗ ବିଲଗ
ନରନ୍ତଂ ନରନ୍ତର ସେନ୍ତୁ ଅଲଗ
ସିସୁମ୍ନା ମଧ୍ୟେ ସଜୋତ୍ତ ପ୍ରକାଶ
ବଦନ୍ତି ନାଥେ ଯେ୍ୱଟି ସିଦ୍ଧଙ୍କର ବିଶ୍ୱାସ । ୧ ।

କାଳ କମଳ ନିରଞ୍ଜନ ତିନହେଂ
ଯେ୍ୱକଇ ଠାବରେ ବାସ ।
ଯେଉଁ ଗୁରୁ ଯେ୍ୱହା ପ୍ରତି ପ୍ରତି କରି ବୁଝାବଇଂ
ସେ ଗୁରୁ ମୁହିଂ ତାହା ଦାସର ଦାସ । ୨ ।

ସପତ ସମୁଦ୍ରେ ଥିଲି ନ ଖାଇଲି ନୀର
ମାତାର ଗର୍ଭେ ଥାଇ ନ ଖାଇଲି କ୍ଷୀର
ଯେତେକେ ଅଇଲି ତେତେକେ ହେଂ ଅଚ୍ଛି
ତା ସଙ୍ଗେ ପରଚେ ହୁଅ ଗୁରୁମୁଖେ ପୃଚ୍ଛି । ୩ ।

ନୟନ ମନ ଦୁଇ ଯେ୍ୱକଇ ମତ
ନୟନ ମନ ଦୁଇ ମଧ୍ୟେ ତତ
ନୟନ ଉପରେ ମନୁଆ ବସେ
ବ୍ରହ୍ମଜୋତି ତତ ସଯେ୍ୱଂ ପ୍ରକାଶେ । ୪ ।

ପବନ ପାଲଟିବେ ଛଡ଼ଚନ୍ଦ ଫୁଟିବେ
ତତ ରହିବେ ଶୁଖିବାକ ପାଣି ।
ଚନ୍ଦ୍ର ସୂର୍ଯ୍ୟ ଯେଉଂ ଯୋଗୀ ଗଣ୍ଠି ପାଡି ପାରଇ
ସେ ଯୋଗୀ ଅଣ୍ଡ ଗରୁଡ଼ ବନ୍ଧାଣୀ । ୫ ।

ଉଦେଗିରି ଅସ୍ତଗିରି ଶୂନ୍ୟଗିରି ମେଳା
ହସ୍ତୀ ଚରବନ୍ତି ପାଙ୍କତମାଳା
ଯେବଣ ସେ ହସ୍ତୀ ମାହାରସ ଖାଇ
ବେନି ପକ୍ଷେ ଜଗିଲେ ଗଗନେ ସମ୍ଭାଇ । ୬ ।

ଜସୁ ଦେଖନ୍ତେ ମନ ଥିରେ ଥା
ଆପ ପରରେ ପରମ ପଦ ପା
ମାହାଦେବ ପୂଜକଇ ଯା ।୭।

ଅକଳତ ମନ ଅନ୍ତୀଭୂତ ବାଇ
ଫୁରେ ନ ଫୁଟେ ଯାଇ ନ ଯାଇ ।
ସତ ସତ ଭାଷନ୍ତି ଗୋରଖପାଏ
ପିଣ୍ଡ ଛାଡ଼ି ପ୍ରାଣ କେବେ ହେଁ ନ ଯାଏ ।୮।

ମନ ବାଳାରେ ପବନ ଭେଳା
ତା ଭୁଲେ ଭବ ନ ଯାଇ ।
ଶକ୍ତି କୁଣ୍ଡଳ ସଲକ୍ଷି ମୂଳକମଳ ଗୃପିଲେ
ପଷ୍ଟେ ନମଗ୍ନ ବୋଲଇ ।୯।

ମନେ ମନେ ଥିବା ଭେଦ ନ କହିବା
ପିଇବା ଶୀତଳ ନୀର
ଶ୍ରୀଗୁରୁ ପ୍ରସନ୍ନେ ଅମୃତ ଭୁଞ୍ଜିବା
ପିଇବା ଅମୃତ ଛୀର ।୧୦।

ମନ ମରଇତ ଜୀଅଁଇ ପ୍ରାଣ
ମନ ମରଇ ତ ଲଭଇ ଗ୍ୟାନ
ମନ ଇନ୍ଦ୍ର ଯେବେ ପ୍ରକୃତି ନବାରଇ
ତାହା ସୁଖେ ବ୍ରହ୍ମ ତାକୁ ବସ୍ତରଇ ।୧୧।

ପବନ ଥିରନ୍ତେ ଆଶା ଛେଦଇ
ମନ ଥିରନ୍ତେ କାମନ୍ତ ରୁନ୍ଧଇ
ସୁରତ ଅଚଳ ବାନ୍ଧଲେ ଜାଣ
ତେ ସେ ପିଣ୍ଡକୁ ପରତେ ପ୍ରାଣ ।୧୨।

ଖୋଜନ୍ତେ ପାଇ ଧୂନରେ ଗମିଲେ
ବାହୁଡ଼ାଇ ପାର ମନ୍ତ୍ର ଜୀଅଁଇ ପାରନ୍ତେ

କାଳ ଅକାଳ ଦୁ ସାଧିନ୍ତା ଯେବେ ପାର
ଯମ ରଜାକୁ ତେ ପାଣି ବୁହାଇ ପାର । ୧୩ ।

ଆହୁଠ ହାଥ କଳେବର ଭିତର
କାହିଂ ଥାଇଂ ଜୀ ସେ ଦିଅଇ ଉତ୍ତର ।
ତତ ପ୍ରାପତ ଜପାଜପ ନାହିଂ
ମଲେଣ ପ୍ରାଣ କାହିଂ ସମ୍ହାଇ । ୧୪ ।

ସର୍ବ ଚଳନ୍ତେ ନ ଚଳଇ ଯେହୁ
ଅହନିଶ ବରଷନ୍ତେ ନ ତିନ୍ତଇ ସେହୁ
ଖଡ଼ଗେ ହାଣନ୍ତେ ନ ଲଗଇ ରେଖ
ଯେ ସେ ପରଚେ ଗୁରୁମୁଖେ ଦେଖ । ୧୫ ।

ଶବଦ କୋଳାହଳ ନିଶବଦେ ନିନା
ଯେବଣ ଶବଦେ ସୟେଂ ଉତପନା
ଶବଦ ଯାଇ ନିଶବଦର ପାଶ
ଶବଦ ନିଶବଦ ଯେକଇ ବାସ । ୧୬ ।

ମର ମର ପଣ୍ଡିତେ ମରଣ ସେ ମିଠା
ଯେବଣ ମରଣକୁ ଗୋରେଖ ଦର୍ଷ୍ଟା
ମରନ୍ତେଣ ଜୀବ ଯିବାକ ଯହିଂକ
ଜୀଉଂ ଜୀଉଂ ଜୀବ ସମର୍ପ ତହିଂକ । ୧୭ ।

ଡାହାଣା ବ୍ରର୍ଛେକ ରସ ଉଜାଇଂଲେ
ଦିନେ ଦିନେ ନିବଡଇ କାୟେ
ମାହାରସ ଶୋଷିବେ ଗୁଞ୍ଜି ନ ଖସିବେ
ନାଥ ବଦନ୍ତି କରିଅଛୁ ଜୀବନକୁ ଉପାୟେ । ୧୮ ।

ଖର ବହିଲେ ପବନାଦିବଇ ଉର୍ଦ୍ଧେ ଘୁଡ଼ଇ ନାଭି
ସହଜେ ଯୋଗୀ ନିଚଯେ ସିଦ୍ଧ ମନ ପବନ ଯେକଭି ଠାବ । ୧୯ ।

ଗଗନ ଅଭ୍ୟନ୍ତର ଫୁଟଇ ନରନ୍ତର
ମନ ପବନ ଥିର ରହିଆ
ହେଉ ଅଗୋଚର ମନ ବବର୍ଜିତ
ଯେ ତଉ ସଦଗୁରୁ କହିଆ । ୨୦ ।

ଯେହ୍ନେ ବକା ନ ହଲଇ ମୀର
ତେହ୍ନେକ ମନ ପବନ କରି ଥିର
ବଗେ ମଛେ ମାରେ ସମକରି ଜାଣ
ତେ ସେ ପିଣ୍ଡକୁ ଧରଇ ପ୍ରାଣ । ୨୧ ।

କେବଣ ଚକ୍ରେ ରହଇ ସମୀର
କେବଣ ଚକ୍ରେ ମନ ହୋଇ ଥିର
କେବଣ ଚକ୍ରେ ଲାଗଇ ସୁସ୍ୱାଦ
କେବଣ ଚକ୍ରେ ଲାଗଇ ସମାଦ । ୨୨ ।

ହୃଦୟ ଚକ୍ରେ ମନ ହୋଇ ଥିର
ନାଭି ଚକ୍ରେ ରହଇ ସମୀର
କଣ୍ଠ ଚକ୍ରେ ଲାଗଇ ସ୍ୱାଦ
ଗଗନ ଚକ୍ରେ ଲାଗଇ ସମାଦ । ୨୩ ।

ନାଡ ଝମକନ୍ତ ତହିଁର ତଳେ ପିଅଁଳା
ଯୋଗ ନୋହଇ ଘର୍ଘ ଜାଳା
ରେଖ ନାହିଂ ରୂପ ନାହିଂ ଗଣ୍ଠି ନାହିଂ ଛାୟା
ଜଗତେ ବ୍ୟାପିତ ହୋଇଲ କାୟା ।
ଭୁଳାହୁଂ ଉଶ୍ୱାସ ତଦୁବନୁ ଗରୁଆ
ବାଳ ରେହ ପ୍ରମାଣେ ଅଛ ବଡ଼ ସରୁଆ
ଲବଣୀ ହୁଂ କୋମଳ ସୂଚୀ ନାହିଂ ଫୁଟେ
ଅହନଶୀ ବରଷନ୍ତେ କରୁ ନାହିଂ ଭୁଟେ । ୨୪ ।

ରଇଷା କରନ୍ତ ମୀନ ଚଉରଙ୍ଗିଜ
ଗୋରେଖ ଅବଧୂତ
ମନ ମଛଇନ୍ଦ୍ର ସୁରେଶ୍ୱର ଚେତନା
ଚଉରଙ୍ଗି ଗ୍ୟାନ ଗୋରେଖ ନାଥ ।

ଯେବଣ ତତ ସଂକ୍ଷେ ପ୍ରକାଶଇ
ଯେବଣ ତତ ଜନ୍ମ ମରଣ ବିନାଶଇ
ଯେବଣ ତତ ସହଜେ ହୃଦରେ ଧରଇ
ବଦନ୍ତ ଈଶ୍ୱରେ ସେ କେବେହେଂ ନ ମରଇ । ୨୫ ।

*